## ସୁନାଗହଣା, ଟଙ୍କା ଚୋରି

ଛତ୍ରପୁର, (ସନ୍ତୋଷ ପାଢ଼ୀ): ଚମାଖଣ୍ଡି ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମ ବେଲମା ସାହି ଯୁଗଳ ନଗରରେ ଜଣଙ୍କ ଘରୁ ଶନିବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଗ୍ରାମର ରାଜଲକ୍ଷ୍ମୀ ପଣ୍ଡା ଗୁରୁବାରଠାରୁ ବାପଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ କୌଣସି ଦୁବୃତ୍ତ ତାଲା ଭାଙ୍ଗି ୨୦ଟି ସୁନାମୁଦି, ସୁନା ହାର ୩ଟି, ମଙ୍ଗଳସୂତ୍ର, ସୁନା ଚେନ ୪ଟି, ପାଉଜି ୪ ହଳ ଏବଂ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଚୋରାଇ ନେଇଛନ୍ତି। ଏ ସମ୍ପର୍କରେ ରାଜଲକ୍ଷ୍ମୀ ଚମାଖଣ୍ଡି ଥାନାରେ ଏତଲା ଦେବା ପରେ ପୋଲିସ, ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହ ପହଞ୍ଚି ତଦନ୍ତ କରିଛି।

# ସଂକ୍ଷେପରେ

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ଖଜୁରିପଡ଼ା, ୧।୧୨ (ବିଦୁର ବେହେରା)**

୧୫୭ ନଂ. ଜାତୀୟ ରାଜପଥର ଜାମଖୋରିଠାରେ ଶନିବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଅଛନ୍ତି। କୁମୁଖୋରି ଗ୍ରାମର ସୁନୀଲ କହଁର, ବିକାଶ କହଁର ଏବଂ ଦୀପକ ମଲ୍ଲିକ ନିଜ ଗାଁରୁ ଶନି ମନ୍ଦିର ପ୍ରତିଷ୍ଠା ଉତ୍ସବ ଦେଖିବା ପାଇଁ କୁକୁରୁ କୁମ୍ଭା ଆସୁଥିବା ବେଳେ ଜାମଖୋରିଠାରେ ନିଜ ସମ୍ପର୍କୀୟଙ୍କ ଘରେ ଦୀପକ ମଲ୍ଲିକକୁ ଓହ୍ଲେଇ ଦେଇ ସୁନୀଲ ଆଉ ବିକାଶ କୁକୁରୁ କୁମ୍ଭା ଯାଉଥିବା ବେଳେ ନୂତନ ଭାବେ ନିର୍ମାଣ ହେଉଥିବା ବଙ୍କା ପୋଲରେ ଭାରସାମ୍ୟ ହରାଇ ପିଟି ହେବାରୁ ତାଙ୍କର ମୃତ୍ୟୁ ଘଟିଛି । ଗୁରୁତରଙ୍କୁ ସ୍ଥାନୀୟ ଲୋକ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏନେଇ ଅଭିଯୋଗକ୍ରମେ ଥାନାରେ ୧୯୮/୨୪ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ଚାପଧାରୀ ପ୍ରଧାନ ସୂଚନା ଦେଇଛନ୍ତି।

## ବେଳାଭୂମିରେ ଅଲିଭ ରିଡ଼୍ଲେ ମୃତଦେହ



**ଗୋପାଳପୁର, ୧।୧୨ (ନବୀନ ରାଜ ଆଚାରୀ)**

ଗୋପାଳପୁର-ହରିପୁର ବେଳାଭୂମିରେ ରବିବାର ଏକ ଅଲିଭ ରିଡ଼୍ଲେର ମୃତଦେହ ଦେଖିବାକୁ ମିଳିଛି। ବର୍ତ୍ତମାନ ଅଲିଭ ରିଡ଼ଲେଙ୍କ ମିଳନ ସମୟ ଚାଲିଥିବା ବେଳେ ଗୋଟିଏ ମୃତ ଅଲିଭ ରିଡ଼ଲେ ଦେଖାଯିବା ଖବର ପାଇ ବନ କର୍ମଚାରୀଙ୍କ ଏକ ଟିମ ପହଞ୍ଚି ତାହାକୁ ପୋତି ଦେଇଥିବା ସୂଚନା ମିଳିଛି। ବୟସାଧିକ କାରଣରୁ ଅଲିଭ ରିଡ଼ଲେର ମୃତ୍ୟୁ ହୋଇଥିବା ନେଇ ବନ ବିଭାଗ ଅନୁମାନ କରିଛି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ମାସରେ ଗୋପାଳପୁର ହରିପୁର ନିକଟରେ ୧୦୦ରୁ ଉର୍ଦ୍ଧ୍ୱ ଅଲିଭ ରିଡ଼ଲେଙ୍କ ମୃତଦେହକୁ ବନ କର୍ମଚାରୀମାନେ ଠାବ କରିଥିଲେ।

## ମେଗା ରକ୍ତଦାନ ଶିବିର

**ଗଞ୍ଜାମ, ୧।୧୨ (ବିଦ୍ୟାଧର ସାହୁ)**

ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟାପୀଠ କନଫରେନ୍ସ ହଲରେ ବିଶ୍ୱ ଏଡ୍ସ ଦିବସ ଉପଲକ୍ଷେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଗଞ୍ଜାମ ଯୁବ ଗୋଷ୍ଠୀ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆୟୋଜିତ ଶିବିରକୁ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର ଏବଂ ଗ୍ରାସୀମ କମ୍ପାନୀ ଏଚ୍ଆର ମୁଖ୍ୟ ନିରଜ ପଟ୍ଟନାୟକ ପ୍ରମୁଖ ମିଳିତ ଭାବେ ଶୁଭାରମ୍ଭ କରିଥିଲେ। ଦୀପକ ଫର୍ଟିଲାଇଜର ବରିଷ୍ଠ ଅଧିକାରୀ ରବୀନ୍ଦ୍ର କୁମାର ମହାନ୍ତି, ବିଜେଡି ଜିଲା ଛାତ୍ର ଉପସଭାପତି ଲିଙ୍ଗରାଜ ମହାପାତ୍ର, ଗଞ୍ଜାମ ଏନ୍ଏସି ଛାତ୍ର ବିଜେଡ଼ି ସଭାପତି ରାକେଶ ରଞ୍ଜନ ଦାସ, ପୂର୍ବତନ କାଉନସିଲର ଦୁର୍ଗା ମାଧବ ପାଣିଗ୍ରାହୀ, ଗ୍ରାସୀମ ଶ୍ରମିକ ସଂଗଠନ ନେତା ଅନୁପ ପ୍ରଧାନ ମଞ୍ଚାସିନ ଥିଲେ। ଶିବିରରେ ୨୪୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ୨ ଦୋକାନ ଜାଳିଦେଲେ

**ପୁରୁଷୋତ୍ତମପୁର, ୧।୧୨ (ସିମାଞ୍ଚଳ ମିଶ୍ର)**

ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶିକୁଳା ଗ୍ରାମରେ ଗୋଟିଏ ପରେ ଗୋଟିଏ ହିଂସାକାଣ୍ଡ ଘଟିବାରେ ଲାଗିଛି। ଗତ ମାର୍ଚ୍ଚ ମାସରେ ପୂର୍ବତନ ସରପଞ୍ଚଙ୍କ ଦେଢ଼ଶୁରଙ୍କୁ ହତ୍ୟା ଓ ପ୍ରାୟ ମାସକ ତଳେ ଜଣେ ଯୁବକଙ୍କୁ ସଂଘବଦ୍ଧ ମରଣାନ୍ତକ ଆକ୍ରମଣ ହୋଇଥିଲା। ଶନିବାର ରାତିରେ ଦୁଇଟି ଦୋକାନକୁ ନିଆଁ ଲଗାଇ ଜାଳି ଦିଆଯାଇଛି। ପୂର୍ବ ଶତ୍ରୁତାରୁ ଏଭଳି ହୋଇଥିବା ଗ୍ରାମବାସୀ କହିଛନ୍ତି। ରବିବାର କ୍ଷତିଗ୍ରସ୍ତ ୨ ଦୋକାନୀ ଯଥା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପାନ ଦୋକାନ କରିଥିବା ମନୋଜ ଡାକୁଆ ଓ ହାଇସ୍କୁଲ ନିକଟରେ ଜଳଖିଆ ଦୋକାନ କରିଥିବା କୃଷ୍ଣଚନ୍ଦ୍ର ସାହୁ ପୋଲିସରେ ଅଭିଯୋଗ କରିଛନ୍ତି।

## ସଚେତନତା ଶୋଭାଯାତ୍ରା

**ଆସିକା, ୧।୧୨ (ସୁରେନ୍ଦ୍ର ନାଥ ସାହୁ)**

ଆସିକା ବିଜ୍ଞାନ କଲେଜରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏଡ୍ସ ସଚେତନତା ସମ୍ପର୍କରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ହୋଇଥିଲା । ଭାରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ଶଙ୍କର ପ୍ରସାଦ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରସନ୍ନ ପ୍ରଧାନ ମୁଖ୍ୟ ଅତିଥି ଓ ଆସିକା ଡାକ୍ତରଖାନାର ଏଡସ ସେଲର ପରାମର୍ଶଦାତା ଦୀପକ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏଡସର କାରଣ, ନିରାକରଣ ଓ ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ପରିକ୍ରମା କରିଥିଲା ।

# ଦାରିଙ୍ଗବାଡ଼ିରେ ଶୁଭାରମ୍ଭ ହେଲା ଇକୋ ରିଟ୍ରିଟ୍, ଶସ୍ତା ହେଲା କଟେଜ୍



ଇକୋ ରିଟ୍ରିଟକୁ ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରୁଛନ୍ତି।

**ଦାରିଙ୍ଗବାଡ଼ି, ୧।୧୨ (ଅରୁଣ ସାହୁ)**

ଦାରିଙ୍ଗବାଡ଼ିଠାରେ ଇକୋ ରିଟ୍ରିଟ୍‌ର ଶୁଭାରମ୍ଭ ରବିବାର ହୋଇଯାଇଛି। ଇକୋ ରିଟ୍ରିଟ୍‌ର ଅଧ୍ୟକ୍ଷ ତଥା ବିଡିଓ ପ୍ରୀତିରଞ୍ଜନ ରଥଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ସେହିପରି କନ୍ଧମାଳ ଜିଲାର ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ ଇକୋ ରିଟ୍ରିଟକୁ ନେଇ ଖବରଦାତା ସମ୍ମିଳନୀରେ କହିଥିଲେ ଯେ ଚଳିତଥର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ କଟେଜ ଶସ୍ତା କରାଯାଇଛି। ଏଥିସହ ପୂର୍ବବର୍ଷ ଅପେକ୍ଷା ଅଧିକା ବ୍ୟବସ୍ଥା କରାଯାଇଛି। ଅନ୍ୟତମ ଅତିଥିଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ବାଲିଗୁଡ଼ା ଉପଜିଲାପାଳ ଡା. ରୀନା ପ୍ରଧାନ, ଫୁଲବାଣୀ ଉପଜିଲାପାଳ ଚିତ୍ତରଞ୍ଜନ ମହନ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ତହସିଲଦାର ଶରତ ଶବର, ଜିଲା ପର୍ଯ୍ୟଟନ ଅଧିକାରୀ କୁମୁଦୁନୀ ମଲିକ, ସରପଞ୍ଚ ସୁଶ୍ରୀ ଚନ୍ଦ୍ରିକା ମଲିକ, ଦାରିଙ୍ଗବାଡି ଆଇଆଇସି ଅଶୋକ କୁମାର ହାଁସଦାଙ୍କ ସମେତ ସନ୍ତୋଷ ସାହୁ, ଅରୁଣ ପ୍ରଧାନ, ପିଟର ଦିଗାଲ, ହରେନ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

## ସୁନାପୁରରେ ଖୋଲିଲା ଇକୋ ରିଟ୍ରିଟ୍

**ଚିକିଟି, ୧।୧୨ (ପ୍ରକାଶ ଚନ୍ଦ୍ର ସାହୁ)**

ଚିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ବେଳାଭୂମିରେ ଇକୋ ରିଟ୍ରିଟ ଆରମ୍ଭ ହୋଇଛି। ଏହାକୁ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ବେଳାଭୂମିରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପ୍ରାକୃତିକ ପରିବେଶରେ ଅବସର ବିନୋଦନ ପାଇଁ କିଛିବର୍ଷ ହେଲା ବିଭିନ୍ନ ସ୍ଥାନରେ ଇକୋ ରିଟ୍ରିଟ ବ୍ୟବସ୍ଥା କରାଯାଉଛି। ଏହି ବିସ୍ତୀର୍ଣ୍ଣ ବେଳାଭୂମିରେ ସୌନ୍ଦର୍ଯ୍ୟ ମନଛୁଆଁ ପ୍ରକୃତିର ମଜା ଉଠାଇପାରିବ ; ଯାହାକି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ବିନ୍ଦୁ ପାଲିଟିଥିବା। ସମୁଦ୍ର ବେଳାଭୂମିରେ ପର୍ଯ୍ୟଟକମାନଙ୍କ ପାଇଁ ୨୦ଟି ଡିଲର ଏବଂ ୫ଟି ପ୍ରିମିୟମ ଏହି ଏହିଭଳି ୨ଟି କାଟେଗୋରିର ଅତ୍ୟାଧୁନିକ ୨୫ଟି ତମ୍ବୁ ଘର ନିର୍ମାଣ ହୋଇଛି । କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ବ୍ରହ୍ମପୁର ଉପଜିଲାପାଳ ସ୍ମୃତି ଦିନା ଦସ୍ତାଗିର, ଏଫ୍ଓ ସୋନି ଖୁକେର, ଜିଲା ପର୍ଯ୍ୟଟନ ଅଧିକାରୀ ନରେନ୍ଦ୍ର ପ୍ରଧାନ, ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହର, ଚିକିଟି ବିଓ ଲକ୍ଷ୍ମଣ ସୁରେନ, ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଳଦୀପ କୁମାରଙ୍କ ସମେତ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।



ସୁନାପୁର ବେଳାଭୂମିରେ ଇକୋ ରିଟ୍ରିଟକୁ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଉଦ୍‌ଘାଟନ କରୁଛନ୍ତି।

# ଜିଲାସ୍ତରୀୟ ଯୁବ ଉତ୍ସବ




କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

**ଫୁଲବାଣୀ, ୧।୧୨ (ରାକେଶ କୁମାର ରାଉତ)**

ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ଯୁବ ଉତ୍ସବ କାର୍ଯ୍ୟକ୍ରମ ବିଏଡ୍ କଲେଜ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଏଡ୍ କଲେଜ ଅଧ୍ୟକ୍ଷ ମଧୁପ ସୁନା, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ, ଅବସର ପ୍ରାପ୍ତ କର୍ମଚାରୀ ନବ କିଶୋର ରଥ, ନିଶ୍ୱାସ କଲେଜ ଅଧ୍ୟକ୍ଷ ପ୍ରସନ୍ନ ବିଶୋଇ, ସରକାରୀ ସିଟି କଲେଜର ଅଧ୍ୟକ୍ଷ କୃଷ୍ଣ ଲେଦ୍ରା, ବିଏଡ୍ କଲେଜ ଅଧ୍ୟାପକ ମନୋଜ କୁମାର ଲେଙ୍କା, ଅକ୍ଷୟ କୁମାର ସ୍ୱାଇଁ ଏବଂ ଯୁବ କେନ୍ଦ୍ର ଅଧିକାରୀ ନଭନୀତ କୁମାର ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଜ୍ଞାନ ମେଳା (ସିନିୟର, ଜୁନିୟର), ଚିତ୍ରାଙ୍କନ, କବିତା, ବକ୍ତୃତା,(ସିନିଅର ଓ ଜୁନିୟର), ମୋବାଇଲ ଫଟୋ ଚିତ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତା ବିଭିନ୍ନ ବ୍ଲକରୁ ଆସିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା । ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ କରିବେ। କୃତୀ ପ୍ରତିଯୋଗୀ ମାନଙ୍କୁ ଟ୍ରଫି, ପ୍ରମାଣ ପତ୍ର ଓ ଅର୍ଥ ରାଶି ପ୍ରଦାନ କରା ଯାଇଥିଲା ।

# ମିଳୁନି ପରିଚୟ, ପୋଷ୍ଟର ମାରିଲା ପୋଲିସ

## ରାସ୍ତାକଡ଼ରୁ ମହିଳାଙ୍କ ଦରପୋଡ଼ା ମୃତଦେହ ଜବତ ଘଟଣା

**ସୋରଡ଼ା, ୧।୧୨ (ରଜନୀ ମହାପାତ୍ର)**

ମହିଳାଙ୍କ ଦର ପୋଡ଼ା ମୃତଦେହକୁ ନେଇ ସନ୍ଦେହ ଜାରି ରହିଛି। ଆଜକୁ ୪ରୁ ୫ ଦିନ ହୋଇଯାଇଥିଲେ ହେଁ ବର୍ତ୍ତମାନ ଯାଏ ସୋରଡ଼ା ପୋଲିସକୁ ମହିଳାଙ୍କ ପରିଚୟ ମିଳିପାରୁନି। ଫଳରେ ମୃତ ଶରୀରକୁ ନେଇ ବର୍ତ୍ତମାନ ଯାଏ ସନ୍ଦେହ ଜାରି ରହିଛି। ସୋରଡ଼ା ଦାରିଙ୍ଗବାଡ଼ି ଜାତୀୟ ରାଜପଥ ୫୯ ଗାଜଲବାଡ଼ି ଭୂତ ପଙ୍କାଳ ନିକଟ ଏକ ବ୍ରିଜ ତଳେ ଜଣେ ମହିଳାଙ୍କ ଦରପୋଡ଼ା ମୃତଦେହ ପଡ଼ିରହିଥିଲା। ପୋଲିସ ତାହାକୁ ଜବତ କରିବା ସହ ବ୍ୟବଚ୍ଛେଦ କରାଇଥିଲା। ମୃତା ମହିଳାଙ୍କ ମୁହଁ ସମ୍ପୂର୍ଣ୍ଣ ପୋଡ଼ିଯିବା ଯୋଗୁ ଚିହ୍ନିବା ସମ୍ଭବ ହେଉନି। ପରିଚୟ ଖୋଜିବାକୁ ଯାଇ ସୋରଡ଼ା ପୋଲିସ ଗାଜଲବାଡ଼ି ଆଖପାଖ ଅଞ୍ଚଳ ଗ୍ରାମବାସୀଙ୍କୁ ପଚାରିବା ପରେ ପରିଚୟ ମିଳିପାରୁନି। ଏହି ଅଞ୍ଚଳରେ କେତେକ ମହିଳା ନିଖୋଜ ଥିବା ମାମଲା ମଧ୍ୟ ସୋରଡ଼ା ଥାନାକୁ ଆସି ନ ଥିବା ଜଣାପଡ଼ିଛି। ମୃତା ମହିଳା ଜଣକ ପରିଚୟ ଖୋଜିବାକୁ ଯାଇ ବର୍ତ୍ତମାନ ସୋରଡ଼ା ପୋଲିସ ତରଫରୁ ବିଭିନ୍ନ ଛକ ଜାଗାରେ ପୋଷ୍ଟର ମାରିବା ଆରମ୍ଭ କରାଯାଇଛି। ପୋଷ୍ଟରରେ ମହିଳାଙ୍କ ଦରପୋଡ଼ା ମୃତଦେହ ରଖାଯିବା ସହ କେହି ଯଦି ମହିଳାଙ୍କ ପରିଚୟ ଜାଣିପାରିବେ ଥାନାଧିକାରୀ ସୁଧୀର କୁମାର ସାହୁଙ୍କୁ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ମୃତା ମହିଳାଙ୍କ ପଛରେ ଏକ ସୁଚିନ୍ତିତ ହତ୍ୟା ଯୋଜନା କି ଅନ୍ୟ କିଛି କାରଣ ଅଛି ତାହା ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ହାତୀପଲ ୬ ଘର ଭାଙ୍ଗିଲେ, ଧାନ ଖାଇଗଲେ

**ଭଞ୍ଜନଗର, ୧।୧୨ (ବାବୁଲା ପ୍ରଧାନ)**

ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ଗାଲେରି ରେଞ୍ଜ ଅନ୍ତର୍ଗତ ରାଣୀକିଆରୀ ନୂଆପଲ୍ଲୀ ଗାଁରେ ଶନିବାର ବିଳମ୍ବିତ ରାତିରେ ହାତୀପଲ ୬ଟି ଚାଳଛପର ଘର ଭାଙ୍ଗି ଦେଇଛନ୍ତି। ଏଥିସହ ଚାଷୀଙ୍କ ୧୫ବସ୍ତା ଧାନ, ୨ ବସ୍ତା ଚାଉଳ ଘରୁ ବୋହି ନେଇ ଖାଇବା ସହ ଘରେ ଥିବା ଆସବାପତ୍ର ନଷ୍ଟ କରିଦେଇଛନ୍ତି । ହାତୀପଲ ଆସିବା ଜାଣି ସେଠାରେ ରହୁଥିବା ଲୋକେ ଘରୁ ବାହାର ଯାଇଥିବାରୁ ରକ୍ଷା ପାଇଯାଇଛନ୍ତି। ଖବରପାଇ ଡିଏଫଓ ହିମାଂଶୁ ଶେଖର ମହାନ୍ତି ଆବଶ୍ୟକ ପଦକ୍ଷେପ ନେବା ପାଇଁ ରେଞ୍ଜର ଆଶାଲତା ଦିଗାଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରେଞ୍ଜର ଅନ୍ୟ କର୍ମଚାରୀଙ୍କୁ ନେଇ ସେହି ରାତିରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ କିଭଳି ସରକାରୀ ସହାୟତା ମିଳିପାରିବ ସେ ନେଇ ପଦକ୍ଷେପ ନିଆଯାଇଛି। ଗାଁର ଭାସି ମଲିକ, ସତ୍ୟ ମଲିକ, ଦିଲୀପ ମଲ୍ଲିକ, ପଞ୍ଚାନନ ମଲ୍ଲିକ, ସୁଶାନ୍ତ ମଲ୍ଲିକଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ହାତୀପଲ ଫେରିବା ବାଟରେ ରାଣୀକିଆରି ବଡ଼ରାଉଳ ମନ୍ଦିର କାନ୍ଥ ଓ ସିଂହ ମୂର୍ତ୍ତି ଭାଙ୍ଗି ଦେଇଛନ୍ତି। ସମ୍ପୃକ୍ତ ଅଞ୍ଚଳର ଜମିରେ ପଶି ଧାନ ଫସଲ ନଷ୍ଟ କରିଛନ୍ତି।

ଶନିବାର ରାତିରେ ୨୬ ଟିକିଆ ହାତୀପଲ ନୂଆପଲ୍ଲୀ ଗ୍ରାମ ଅଭିମୁଖେ ଚାଲି ଆସିଥିଲେ। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ବନ କର୍ମଚାରୀ ମଧ୍ୟ ସେଠାରେ ପହଞ୍ଚିଥିଲେ। ଗ୍ରାମବାସୀ ଏବଂ କର୍ମଚାରୀମାନେ ହାତୀ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ହାତୀ ହିଂସ୍ର ହୋଇ ଗୋଡ଼ାଇବାରୁ ଲୋକେ ଦୌଡ଼ି ପଳାଇ ଜୀବନ ବଞ୍ଚାଇଥିଲେ। ସୂଚନାଯୋଗ୍ୟ, ଘୁମୁସର ଉତ୍ତର ବନଖଣ୍ଡରେ ପ୍ରାୟ ୯୯ ହାତୀ ଅଛି। ହାତୀପଲ ଚଳପ୍ରଚଳ ବୃଦ୍ଧି ଯୋଗୁଁ ଲୋକେ ବିଭିନ୍ନ ସମୟରେ ହାତୀ ପାଖାପାଖି ସେଲ୍‌ଫି ନେବା ପାଇଁ ପ୍ରତିଯୋଗିତା କରୁଛନ୍ତି। ତେଣୁ ହାତୀ ଧୀରେ ଧୀରେ ହିଂସ୍ର ହେଉଥିବା ଅନୁମାନ କରାଯାଉଛି।



ହାତୀପଲ ଭାଙ୍ଗି ଦେଇଥିବା ଘର।

## ବିଦ୍ୟୁତ୍ ଆଘାତରେ ଜଣେ ଆହତ, ରାସ୍ତାରୋକୋ

**ପାତ୍ରପୁର, ୧।୧୨ (ଉମା ଚରଣ ନେପାକ)**

ଜରଡ଼ା ଥାନା ଅଧିନସ୍ଥ କେଲୁଆ ଛକ ଠାରେ ରବିବାର ସନ୍ଧ୍ୟାରେ ଘରର ଉପର ଦେଇ ଯାଉଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତି ଆହତ ହୋଇଥିବା ଜଣାପଡ଼ିଛି। କିଛି ବର୍ଷ ଧରି ବାରମ୍ବାର ଏହି ବିଦ୍ୟୁତ୍ ତାର ପାଇଁ ବହୁ ବ୍ୟକ୍ତି ଆହତ ହୋଇଥିବା ହେଉଛନ୍ତି। ଏହାକୁ ନେଇ ବିଭାଗ ପାଖରେ ଅଭିଯୋଗ କରିଥିଲେ ବି ତାର ନ ହଟାଇବା ଯୋଗୁ ଆଜି ଦୁର୍ଘଟଣା ଘଟିଛି। ଯାହାକୁ ନେଇ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ରାସ୍ତା ଅବରୋଧ ଯୋଗୁଁ ସୁରଙ୍ଗି, ଚିକିଟି ଓ ପାତ୍ରପୁର ପଟେ ଯାଉଥିବା ଶହ ଶହ ଯାନବାହନ ଅଟକି ଥିବା ଜଣା ପଡ଼ିଛି। ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ପ୍ରଥମେ ପାତ୍ରପୁର ସ୍ୱାସ୍ଥ୍ୟ କେନ୍ଦ୍ର ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ସନ୍ଧ୍ୟାରେ ଜରଡ଼ା ଥାନା ପୋଲିସ ଓ ଅତିରିକ୍ତ ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ରାସ୍ତାରୋକ ହଟାଇଛନ୍ତି।

## କାନାରା ବ୍ୟାଙ୍କର ଭଞ୍ଜନଗର ଶାଖା ଉଦ୍‌ଘାଟିତ

**ଭଞ୍ଜନଗର, ୧।୧୨ (ବାବୁଲା ପ୍ରଧାନ)**

ଭଞ୍ଜନଗର ସହର ବେଲଗୁଣ୍ଠା ରୋଡ଼ରେ ଶନିବାର କାନାରା ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାହକଙ୍କୁ ଉତ୍ତମ ସେବା ଏବଂ ଲୋକଙ୍କୁ ଋଣ ସୁବିଧାରେ ଯୋଗାଇ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏନ୍ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଜିଏମ୍ ଜି.ଭି ରଘୁ ସେଷୁ ସ୍ୱାଗତ ଭାଷଣ ଦେଇଥିଲେ। ବ୍ୟାଙ୍କ ପରିଚାଳକ ଡି.ମୋହନ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରବାସୀ ଶ୍ରମିକଙ୍କୁ ନୂତନ ରାଶନକାର୍ଡ

**ଛତ୍ରପୁର, ୧।୧୨ (ଦିଲୀପ ସାମଲ/ ସନ୍ତୋଷ ପାଢ଼ୀ)**

ଛତ୍ରପୁର ଏନ୍ଏସି ପକ୍ଷରୁ ଇ-ଶ୍ରମ କାର୍ଡ ଜରିଆରେ ଆବେଦନ କରିଥିବା ପ୍ରବାସୀ ଶ୍ରମିକ ମାନଙ୍କୁ ନୂତନ ରାଶନକାର୍ଡ ବିତରଣ କରାଯାଇଛି। କାର୍ଯ୍ୟାଳୟ ପରିସରରେ ଛତ୍ରପୁର ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ନୂତନ କାର୍ଡ ବଣ୍ଟନ କରିଥିଲେ। ଏହି ଅବସରରେ ଛତ୍ରପୁର ଏନ୍ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷ ଜି. ପାପ ରାଓଙ୍କ ସମେତ ବହୁ କାଉନ୍‌ସିଲର ଏବଂ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଛତ୍ରପୁର ଏନ୍ଏସି ପକ୍ଷରୁ ପ୍ରବାସୀ ଶ୍ରମିକଙ୍କୁ ନୂତନ ରାଶନକାର୍ଡ ବିତରଣ କରାଯାଉଛି।

# ରାଜ୍ୟ ଛାତ୍ର କଂଗ୍ରେସ ସଭାପତିଙ୍କ ସାଙ୍ଗଠନିକ ବୈଠକ




ବୈଠକରେ ଉପସ୍ଥିତ ଛାତ୍ର କଂଗ୍ରେସ ସଭାପତି ଓ ଛାତ୍ର ନେତା।

**ଜି.ଉଦୟଗିରି, ୧।୧୨ (ଚିନ୍ମୟ କୁମାର ସେଠୀ)**

ରାଜ୍ୟ ଛାତ୍ର କଂଗ୍ରେସର ସଭାପତି ଭାବେ ଦାୟିତ୍ୱ ଗ୍ରହଣ କଲା ପରେ ଉଦିତ ନାରାୟଣ ପ୍ରଧାନ ରବିବାର ପ୍ରଥମ କନ୍ଧମାଳ ଜିଲା ଗସ୍ତ କରି ସ୍ଥାନୀୟ ବ୍ୟବସାୟୀ ସଂଘ ସଭାଗୃହ ଠାରେ ସାଙ୍ଗଠନିକ ବୈଠକରେ ଯୋଗ ଦେଇଥିଲେ। ଛାତ୍ର କଂଗ୍ରେସର ପ୍ରଭାରୀ ଟୁନୁ ସିଂ ମଧ୍ୟ ବୈଠକରେ ସାମିଲ ହୋଇଥିଲେ। ଜିଲାର ଛାତ୍ରୀଛାତ୍ରମାନଙ୍କ ମୌଳିକ ସମସ୍ୟା ବୁଝିବା ଓ ତାହାର ସମାଧାନ ପାଇଁ ଆଗାମୀ ଦିନରେ କାର୍ଯ୍ୟକ୍ରମ କରିବା ସେମାନଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବହୁ ଶିକ୍ଷକ ଓ ଅଧ୍ୟାପକ ପଦବୀ ଦୀର୍ଘଦିନ ହେଲା ଖାଲି ପଡ଼ିଛି। ଆଗାମୀ ଦୁଇ ମାସ ମଧ୍ୟରେ ସରକାର ତୁରନ୍ତ ଖାଲି ପଡ଼ିଥିବା ପଦବୀ ପୂରଣ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରଧାନ କହିଥିଲେ। ସେହିପରି ସବୁ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ପ୍ରଭାରୀ ସିଂ କହିଥିଲେ। ଆଗାମୀ ଦୁଇ ମାସ ମଧ୍ୟରେ କନ୍ଧମାଳ ଜିଲାର ଛାତ୍ରୀଛାତ୍ରମାନଙ୍କ ମୌଳିକ ସମସ୍ୟା ପୂରଣ ନ ହେଲେ ଉଚିତ ଜବାବ ଦିଆଯିବ ବୋଲି ଛାତ୍ର କଂଗ୍ରେସ ସଭାପତି ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲାର ପ୍ରତ୍ୟେକ ବ୍ଲକରୁ ବହୁ ଛାତ୍ର ନେତାମାନେ ଯୋଗ ଦେଇଥିଲେ। ଯୁବ ନେତା ପ୍ରତାପ ପ୍ରଧାନ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

# ବିଶ୍ୱ ଏଡ୍ସ ଦିବସ ପାଳିତ

**ଫୁଲବାଣୀ/ ପାରଳାଖେମୁଣ୍ଡି, ୧।୧୨ (ରାକେଶ ରାଉତ/ ଗିରିଧାରୀ ପରିଚ୍ଛା)**

ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ସନ୍ତୋଷ କୁମାର ପାଢ଼ୀ ପତାକା ଦେଖାଇ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ସମୟରେ ଜିଲା ଏଡ୍ସ କାର୍ଯ୍ୟକ୍ରମର ନୋଡାଲ ଅଫିସର ଡକ୍ଟର ପ୍ରସନ୍ନ କୁମାର ତ୍ରିପାଠୀ, ଡିପିଏମ୍ ମନୋରଞ୍ଜନ ସାହୁ, ସ୍ୱାସ୍ଥ୍ୟ ଶିକ୍ଷା ଅଧିକାରୀ ଧର୍ମେନ୍ଦ୍ର ତାଣ୍ଡି, ଜିଲା ଏଡ୍ସ ସୁପରଭାଇଜର ଦେବାଶିଷ ମିଶ୍ର, ଏଡ୍ସ କାଉନସିଲର ଗୋବିନ୍ଦ ଚନ୍ଦ୍ର ଜେନା, ଶିବରଞ୍ଜନ ଦାଶ, ପ୍ରଦୀପ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟାଳୟ ପ୍ରଶିକ୍ଷଣ କେନ୍ଦ୍ରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମୁବାରଖ ଅଲ୍ଲି ଯୋଗ ଦେଇଥିବା ବେଳେ ନୋଡାଲ ଅଫିସର ଡ଼ା ରବି ନାରାୟଣ ଦାସ, ଏଡିପିଏଚଓ ଡ଼ା ଏମ କେ ଭୂୟାଁ, ଡିପିଏମ ସନ୍ଧ୍ୟାରାଣୀ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଏଚଆଇଭିର କାରଣ ଓ ନିରାକରଣ ବିଷୟରେ କହିଥିଲେ । ଯୁବପିଢ଼ି ଏହି ବାର୍ତ୍ତାକୁ ଠିକ ରୂପେ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ଗର୍ଭବତୀମାନେ ନିଜର ଏଚଆଇଭି ପରୀକ୍ଷା କରିବାକୁ ଅଧିକ ଗୁରୁତ୍ୱ ଦେବା ପାଇଁ କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନ ସ୍ୱେଚ୍ଛାସେବୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, କିନ୍ନର ସମାଜ ସାମିଲ ହୋଇଥିଲେ । ଏହିଉପଲକ୍ଷେ ଏକବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ରାସ୍ତା ନ ଥିବାରୁ ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ

**ପାରଳାଖେମୁଣ୍ଡି, ୧।୧୨ (ଗିରିଧାରୀ ପରିଚ୍ଛା)**

ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଘୁରୁଣି ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମକୁ ଭଲ ରାସ୍ତା ନାହିଁ। ଗାଁରେ ବସବାସ କରୁଛନ୍ତି ୫୦ରୁ ଊର୍ଦ୍ଧ୍ୱ ପରିବାର। ବ୍ଲକ କାର୍ଯ୍ୟାଳୟ ଠାରୁ ମାତ୍ର ପାଞ୍ଚ କିମି ଦୂରରେ ରହିଛି ଏହିଗ୍ରାମ। ଗ୍ରାମ ଠାରୁ ମାତ୍ର ଏକ କିଲୋମିଟରେ ମଧ୍ୟରେ ଯାଇଛି ଗ୍ରାମାଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା। ହେଲେ ଏହି ଗାଁକୁ ସଂଯୋଗ ହୋଇନାହିଁ। ଦୀପତଳ ଅନ୍ଧାର ଭଳି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛି ଏହି ଗାଁର ବିକାଶ କାର୍ଯ୍ୟ। ଗାଁକୁ ଘେରି ରହିଛି ଏକର ଏକର ଚାଷଜମି। ଜମି ହୁଡା ହିଁ ଗ୍ରାମର ଏକମାତ୍ର ଯାତାୟତ ମାଧ୍ୟମ ପାଲଟିଛି। ଏହାକୁ ନେଇ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଗୀ ଚିକିତ୍ସା ପାଇଁ ହେଉ ଅବା ଗର୍ଭବତୀ ମହିଳାଙ୍କୁ ହସ୍ପିଟାଲ ନେବାକୁ ହେଉ କିମ୍ବା ପଞ୍ଚାୟତ ତଥା ବ୍ଲକ କାର୍ଯ୍ୟାଳୟକୁ ଯିବାକୁ ହେଲେ ଜମି ହୁଡ଼ା ଅତିକ୍ରମ କରିବା ପରେ ମୁଖ୍ୟ ରାସ୍ତାକୁ ପହଞ୍ଚି ହୁଏ। ଗାଁରେ ବିଦ୍ୟାଳୟ ବନ୍ଦ ହୋଇଯାଇଥିବା ବେଳେ ବର୍ଷା ଦିନ ଛାତ୍ରଛାତ୍ରୀ ନିକଟସ୍ଥ ଗାଁର ବିଦ୍ୟାଳୟକୁ ଯିବା ଠପ୍ ହୋଇଯାଏ। ଗାଁକୁ ରାସ୍ତା ନର୍ମାଣ ନେଇ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ ସତ୍ତ୍ୱେ ରାସ୍ତାଟିଏ ନିର୍ମାଣ ହୋଇପାରିନି। ଯାହାକୁ ନେଇ ଅସୁବିଧା ଭୋଗୁଛନ୍ତି ଗ୍ରାମବାସୀ। ରାସ୍ତା ନିର୍ମାଣ ନେଇ ପ୍ରଶାସନ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି ଏଲ ହରିହର, ଏସ ଗୋବିନ୍ଦ, ସାବିତ୍ରୀ।

ପ୍ର କାଶ ଯେ, ଚାଷ ଜମି ରାସ୍ତା ନିର୍ମାଣର ବାଧକ ସାଜିଛି। ଅଧିକାଂଶ ଜମି ନିକଟ ଛତ୍ରପୁର ଗ୍ରାମବାସୀଙ୍କ ହୋଇଥିବା ବେଳେ ଅଳ୍ପ ଜମି ଲକ୍ଷ୍ମୀପୁରବାସୀଙ୍କର। ରାସ୍ତା ପାଇଁ ଆବଶ୍ୟକ ଜମି ଛାଡୁ ନାହାଁନ୍ତି ଚାଷୀ। ଜମି ମାଲିକ ଓ ଗ୍ରାମବାସୀଙ୍କ ମଧ୍ୟରେ ସମନ୍ୱୟର ଅଭାବ ରହିଛି। ଫଳରେ ଗାଁକୁ ରାସ୍ତା ନିର୍ମାଣ ସମ୍ଭବପର ହୋଇ ପାରୁନି। ତେବେ ଏହାର ସମାଧାନ ପାଇଁ ବ୍ଲକ ପ୍ରଶାସନ ତଥା ଜନ ପ୍ରତିନିଧି ହସ୍ତକ୍ଷେପ କଲେ ରାସ୍ତା ନିର୍ମାଣ ହୋଇ ପାରିବ ବୋଲି ଆଶା କରାଯାଇଛି। ଏନେଇ ଖୁବ୍ ଶୀଘ୍ର ରାସ୍ତା ନିର୍ମାଣ କରାଯିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌର ଚନ୍ଦ୍ର ପଟ୍ଟନାୟକ କହିଛନ୍ତି।



ଗୋଷାଣୀ ବ୍ଲକ ଘୁରୁଣି ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମକୁ ଯାଇଥିବା ରାସ୍ତା।

